# Akashvani, Sambalpur

## SAMBALPURI NEWS BULLETIN

### 5 August 2025 - 6.47- 6.52 am.

**********************************************

ଆଦର୍ଶ ପ୍ରାଥମିକ ବିଦ୍ୟାଳୟ I&PR

ରାଜ୍ୟ ସରକାର୍ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମ୍ ଅଧୀନ୍‌ଥି ପହେଲା ଖେପେ ୮ ଶହ ୩୫ ଟା ବିଦ୍ୟାଳୟ ତିଆର୍ କର୍‌ବାର୍‌କେ ଯୋଜ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିକରି ଇ ବାବ୍‌ଦେ ସୂଚ୍‌ନା ଦେଇଛନ୍ । ସେ କହିଛନ୍, ଫି' ପଂଚାୟତ୍ ମୁଖ୍ୟାଳୟ ନ କାର୍ଯ୍ୟକ୍ରମ୍ ଅଧୀନ୍‌ଥି ଗୁଟେ ଲେଖା ବିଦ୍ୟାଳୟ ରୂପାନ୍ତର୍ କରାଯିବା । ଯେନ୍ ବିଦ୍ୟାଳୟ ନ ଶହେ ନୁ ଅଏତ୍‌କା ଛାତ୍ରଛାତ୍ରୀ ଥିବେ, ଦୁଇ ଏକଡ୍‌ନୁ ଅଏତ୍‌କା ଜମି ଥିବା ଆଉ ଶିଶୁବାଟିକା ନୁ ମୁଲ୍ କରିକରି ୮ ଶ୍ରେଣୀତକ୍ ପାଠ୍‌ପଢ଼ା ହେଉଥିବା ସେ ବିଦ୍ୟାଳୟକେ ଗୋଦାବରିଶ୍ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ବନାଯିବା । ଇଥିର୍‌ଲାଗି ସବୁନୁ ଜହ ୭ କୋଟି ଲେଖା ଟଙ୍କା ଖର୍ଚ୍ଚା କରାଯିବା । ବିଦ୍ୟାଳୟମାନ୍‌କେ ନୂଆଁ ଜାତୀୟ ଶିକ୍ଷାନୀତିର୍ ଆଭିମୁଖ୍ୟ ଅନ୍‌ସାରେ ଗୁଣାତ୍ମକ ଶିକ୍ଷାନ୍ କରାଯିବା । ଇତାର୍‌ସହେତେ ଦୁର୍ଗମ୍

ଇଲାକା ନ ଛାତ୍ରଛାତ୍ରୀମାନ୍‌କର ଯିବାର୍ ଆସ୍‌ବାର୍ ଲାଗି ମାହାଲିଆ ଗାଡ଼ି ଯୁଗେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ I&PR

ରାଏଜେ ୧୧ ଟା ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ ଥାପ୍‌ନା କର୍‌ବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ସେଥିର୍‌ଭିତ୍‌ରେ ୩ ଟା ଅତିରିକ୍ତ ଜିଲ୍ଲା ଜଜ୍ ଭିଜିଲାନ୍ସ କୋର୍ଟ ରହିଛେ । ଇ ତିନ୍‌ହି କୋର୍ଟ ପୁରୀ, ନୟାଗଡ୍ ଆର୍ କେନ୍ଦ୍ରାପଡ଼ା ନ ଥାପ୍‌ନା ହେବା । ସେନ୍ତା ସୁନ୍ଦର୍‌ଗଡ୍ ଜିଲ୍ଲାର୍ ରାଜ୍‌ଗାଙ୍‌ପୁର୍, ପୁରୀ ଜିଲ୍ଲାର୍ ପିପିଲି, କନ୍ଧମାଲ୍‌ର ଜି. ଉଦୟଗିରି ସହେତେ ୮ ଟା ଜିଲ୍ଲା ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ ଥାପ୍‌ନା କରାଯିବା ।

ପରୀକ୍ଷାପେ ଚର୍ଚ୍ଚା ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରୀକ୍ଷାପେ ଚର୍ଚ୍ଚା-୨୦୨୫ କାର୍ଯ୍ୟକ୍ରମ୍ ମାସେ ଭିତ୍‌ରେ ସବୁନୁ ଜହ ପଞ୍ଜିକରଣ୍ ଲାଗି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ଼୍‌ଥି ଠାନ୍ ପାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ରେଲ୍ ଆଉ ସୂଚନା ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଉ ବିଭାଗ୍‌ର ରାଷ୍ଟ୍ରମନ୍ତ୍ରୀ ଜିତିନ୍

ପ୍ରସାଦ୍ ମିଶିକରି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ କର୍ତ୍ତୃପକ୍ଷଙ୍କର୍ ଠାନୁ ପ୍ରମାଣ୍ପତ୍ର ଗ୍ରହଣ୍ କରିଛନ୍ । ପରୀକ୍ଷାପେ ଚର୍ଚ୍ଚା-୨୦୨୫ କାର୍ଯ୍ୟକ୍ରମ୍ ଲାଗି ୩ କୋଟି ୫୩ ଲାଖ୍ ନୁ ଅଏତ୍କା ପଞ୍ଜିକରଣ୍ ହେଉଥିବାର୍ ବେଲ୍କେ ଟେଲିଭିଜନ୍ଥି ୨୧ କୋଟିନୁ ଅଏତ୍କା ଦର୍ଶକ୍ ଇତାର୍ ସିଧା ପ୍ରସାରଣ୍ ଦେଖିଥିଲେ । ପ୍ରମାଣ୍ ପତ୍ର ଗ୍ରହଣ୍ ଅବ୍ସରେ ପରୀକ୍ଷାକେ ଚର୍ଚ୍ଚା ଜାତୀୟ ଶିକ୍ଷାନୀତି-୨୦୨୦ର ମୁଲ୍ ଆଧାର୍କେ କାର୍ଯ୍ୟକାରୀ କର୍ବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ I&PR

୭୯ ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହକେ ନେଇକରି ସୂଚ୍ନା ଆଉ ଲୋକସମ୍ପର୍କ ବିଭାଗ୍ ତର୍ଫୁ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବିଭାଗ୍ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ହେମନ୍ତ ଶର୍ମାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ର ସୂଚ୍ନା ଅନ୍ସାରେ ଭୁବ୍ନେଶ୍ୱର୍ ଠାନେ ହେବାର୍କେ ଥିବା ରାଜ୍ୟସ୍ତରୀୟ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପତାକା ଉତୋଲନ୍ କରିକରି ସମ୍ମିଲିତ୍ ପେରେଡ଼୍ର ଅଭିବାଦନ୍ ଗ୍ରହଣ୍ କର୍ବେ । ଅଗଷ୍ଟ ୧୫ ତାରିଖ୍ ଦିନ ରାମ୍ଧୁନ୍ ପରିବେଷଣ୍ ସହେତେ କେନ୍ଦ୍ର ଆଉ ରାଜ୍ୟ ସର୍କାର୍ଙ୍କର୍

ଭିନ୍ ଭିନ୍ କୁଠା, ସର୍କାରୀ ଉଦ୍ୟୋଗ୍ ଆଉ ପ୍ରମୁଖ କୁଠାନ ଲାଇଟ୍ ବ୍ୟବସ୍ଥା କରାଯିବା ।

ଚାଷୀ ପଞ୍ଜିକରଣ୍-ବିଧାନ୍ସଭା କମିଟି ହି.ସ.

ଧାନ୍ ବିକ୍ବାର୍ ଲାଗି ଚାଷୀ ପଞ୍ଜିକରଣ୍ ବ୍ୟବସ୍ଥାକେ ଆହୁରି ସରଲ୍ କର୍ବାର୍ ଲାଗି ଭୁବ୍ନେଶ୍ୱର୍ ନ ବିଧାନ୍ସଭା କମିଟିଥି ଆଲୋଚନା ହେଇଛେ । ପବ୍ଲିକ୍ ଅଣ୍ଡର୍ଟେକିଂ କମିଟି ଅଧ୍ୟକ୍ଷ ପଦ୍ମଲୋଚନ୍ ପଣ୍ଡା ବୈଠକ୍ଥି ଯୋଗ୍ ଦେଇକରି ଧାନ୍ କଟ୍ନୀ ଛଟ୍ନୀ ବନ୍ଦ୍ କର୍ବାର୍ ଉପ୍ରେ ଯୋଗାଣ ବିଭାଗ୍ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଅନ୍ଲାଇନ୍ ପଞ୍ଜିକରଣ୍ ପ୍ରକ୍ରିୟାକେ ସହଜ୍ କର୍ବାର୍ ଲାଗି ବୈଠକ୍ଥି ଆଲୋଚନା ହେଇଛେ ।

ଡାକ୍ତର୍ ମୃତ୍ୟୁଞ୍ଜୟ ମହାପାତ୍ର ଆର୍ଏନ୍ୟୁ/ ସମ୍ବଲପୁର

ଭାରତୀୟ ପାଣିପାଗ୍ ବିଭାଗ୍ର ମହାନିର୍ଦ୍ଦେଶକ୍ ଭାବେ ଡାକ୍ତର୍ ମୃତ୍ୟୁଞ୍ଜୟ ମହାପାତ୍ର ଫେର୍ଘାଏ ନିଯୁକ୍ତି ପାଇଛନ୍ । ଶ୍ରୀ ମହାପାତ୍ରଙ୍କର କାର୍ଯ୍ୟକାଳ ସରୁଥିବାର୍ନୁ କେନ୍ଦ୍ର କେବିନେଟ୍ର ନିଯୁକ୍ତି ବ୍ୟାପାର୍ କମିଟି ତାଙ୍କର୍ ପୁନଃନିଯୁକ୍ତି ପ୍ରସ୍ତାବ୍କେ ମଞ୍ଜୁର୍ କରିଛେ । କେନ୍ଦ୍ର ଭୂ-ବିଜ୍ଞାନ୍

ମନ୍ତ୍ରଣାଳୟ ଅଧୀନ୍‌ଥି ଥିବା ପାଣପାଗ୍ ବିଭାଗ୍‌ର ମହାନିର୍ଦ୍ଦେଶକ୍ ଭାବେ ଶ୍ରୀ ମହାପାତ୍ର ଆଏବା ୨ ବଛର୍‌ତକ୍ ଦାୟିତ୍ୱ ତୁଲାବେ ।

ଅନ୍ତ୍ୟୋଦୟ ଗୃହ ଯୋଜ୍‌ନା I&PR

ରାଜ୍ୟ ସର୍‌କାର୍‌ଙ୍କର୍ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନା ଅଧୀନ୍‌ଥି ଭିନ୍ ଭିନ୍ ବର୍ଗର୍ ୫୭ ହଜାର୍ ୩ ଶହ ୮ ଝନ୍ ହିତାଧିକାରୀ ପହେଲା କିସ୍ତିଥି ସାହାଜ୍ ପାଇସାରିଛନ୍ । ହିତାଧିକାରୀମାନ୍‌କର୍ ବେଙ୍କ୍ ଏକାଉଂଟ୍‌କେ ସିଧାସଲଖ୍ ଇ ସାହାଜ୍ ଟଙ୍କା ପଠାଯାଇଛେ । ଇତାର୍‌ଛଡ଼ା ୧ ହଜାର୍ ୩ ଶହ ୬୮ ଝନ୍ ହିତାଧିକାରୀ ୨ ନମ୍ବର୍ କିସ୍ତି ପାଏବାର୍ ଲାଗି ବଛା ହେଇଛନ୍ ବଲି ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆଇଆଇଏମ୍‌ସି -ସ୍ୱଟ୍ ନାଁଲେଖା ହି.ସ.

ଭାରତୀୟ ଜନସଂଚାର୍ ସଂସ୍ଥାନ୍- ଆଇଆଇଏମ୍‌ସି ତର୍‌ଫୁ ୨୦୨୫-୨୬ ଶିକ୍ଷା ବଛର୍ ଲାଗି ଶେଷ୍ ଖେପ୍ ସ୍ୱଟ୍ ନାଁଲେଖା ପ୍ରକ୍ରିୟା ଚାଲିଛେ । ଆଇଆଇଏମ୍‌ସି ଢେଙ୍କାନାଲ୍ କେମ୍ପସ୍ ନ ୩ ଟା ସ୍ନାତକୋତର ଡିପ୍ଲୋମା କାର୍ଯ୍ୟକ୍ରମ୍‌ଥି ସିଟ୍ ଖାଲି ରହିଛେ । ସେଥିର୍ ଭିତ୍‌ରେ କର୍ପୋରେଟ୍ ଯୋଗଯୋଗ ଆଉ ବ୍ରାଣ୍ଡ ପରିଚାଲନା ଥି ୯ ଟା, ଇଂରାଜୀ

ସାମ୍ବାଦିକତାଥି ୧୫ ଆର୍ ଓଡ଼ିଆ ସାମ୍ବାଦିକତାଥି ୧୪ ଟା ଆସନ୍ ରହିଛେ । ବଡ଼ଭାଗୀ ଖାଲି ଆସନ୍ ଅନୁସୂଚିତ ଜାତି ବର୍ଗର୍ ଲାଗି ସଂରକ୍ଷିତ୍ ରହିଛେ । ଇ ବର୍ଗର୍ ଛାତ୍ରଛାତ୍ରୀମାନେ ଆବେଦନ୍ କରିପାର୍‌ବେ ବଲି ଆଇଆଇଏମ୍‌ସି ଆଂଚଲିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ୍ କହିଛନ୍ ।

ଚାରାରୋପଣ		ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ଆଦର୍ଶ ସ୍ନାତକ ମହାବିଦ୍ୟାଲୟ ତର୍‌ଫୁ ଜାତୀୟ ସେବା ଯୋଜ୍‌ନା ଅଧୀନ୍‌ଥି ଗଛ୍ ଜଗାବାର୍ କାର୍ଯ୍ୟକ୍ରମ୍ ହେଇଛେ । ବିଶିଷ୍ଟ ପରିବେଶ୍‌ବିତ୍ ପ୍ରକୃତିମିତ୍ର ଲଲିତ୍ ମୋହନ୍ ସାହୁ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଗଛ୍ ଜଗାବାର୍ ଆବଶ୍ୟକତା ଉପ୍‌ରେ ଛାତ୍ରଛାତ୍ରୀମାନ୍‌କୁ ଜନେଇଥିଲେ ।

ପାଣିପାଗ		ଆର୍‌ଏନ୍‌ୟୁ/ ସମ୍ବଲପୁର

ମୌସୁମୀ ପ୍ରଭାବ୍‌ଥି ଆଏବା କାଏଲ୍‌ଠାନୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଗଲା ୨୪ ଘଂଟାଥି ରାଜ୍ୟର୍ କେତେଟା ଜାଗା

ନ ସାମାଏନ୍ ନୁ ମଧମ୍ ଧରଣ୍ର ବର୍ଷା ହେଇଥିବାର୍ ଜନାପଡ଼ିଛେ । ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ବିଜ୍ଲି ଘଡ଼୍ଘଡ଼ି ସହେତେ ବର୍ଷାକେ ନେଇକରି କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।